ହାମାର୍ ଜଙ୍ଗଲ ପଏଦୁଆର୍

# ଚାର ମଞ୍ଜି

୪

SEWAK

Strengthening Rural & Tribal Communities

# ଚାର ମଞ୍ଜି

ପ୍ରସ୍ତୁତି : ସେବକ

ରଙ୍ଗିଆମୁଣ୍ଡା, ସୁନ୍ଦରଗଡ଼


ପ୍ରକାଶକ :

**ସେବକ**

ସେବକ ପରିସର, ରଙ୍ଗିଆମୁଣ୍ଡା, ପୋ : ଟାଙ୍ଗରପାଲି

ଜିଲ୍ଲା : ସୁନ୍ଦରଗଡ଼-୭୭୦୦୧୧ (ଓଡ଼ିଶା)

ଦୂରଭାଷ: (୦୬୬୨୨)୨୩୭୧୪୬,

ଫ୍ୟାକ୍ସ : (୦୬୬୨୨)୨୩୭୧୨୪

Email:sewaksundargarh@rediffmail.com
Website: www.sewak.org

**ପ୍ରକାଶନ ସମୟ :** ଅଗଷ୍ଟ, ୨୦୧୨

**ପୃଷ୍ଠା ବିନ୍ୟାସ ଓ ମୁଦ୍ରଣ :**

ଜଗନ୍ନାଥ ପ୍ରିଣ୍ଟର୍ସ

ପୁରୁଣା ଭୁବନେଶ୍ୱର - ୨

# ମୁଖବନ୍ଧ

ଆବାହମାନ କାଳରୁ ଜଙ୍ଗଲଜାତ ଦ୍ରବ୍ୟ ଆଦିମ ବନବାସୀମାନଙ୍କ ଜୀବନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। ସେମାନେ ମୁଖ୍ୟତଃ ଏହି ଜଙ୍ଗଲ ଜାତ ଦ୍ରବ୍ୟ ସଂଗହ କରି ତାଙ୍କର ଜୀବନ ଜୀବିକା ନିର୍ବାହ କରିଥାଆନ୍ତି। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଆମ ରାଜ୍ୟର ୨୫% ଜନବସତି ଏହି ଜଙ୍ଗଲମାନଙ୍କରେ ହିଁ ବସବାସ କରିଥାଆନ୍ତି। ଯେହେତୁ ପଶ୍ଚିମ ଓଡ଼ିଶାରେ ଏହି ବନବାସୀମାନଙ୍କର ସଂଖ୍ୟା ଯଥେଷ୍ଟ ଏବଂ ବର୍ଷର ବିଭିନ୍ନ ସମୟରେ ସେମାନେ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାଆନ୍ତି। ତେଣୁ ଆମ ପାଇଁ ଏହା ଏକ ପରମ କର୍ତ୍ତବ୍ୟ ଯେ, ପ୍ରକୃତରେ ଏହି ନିରୀହ ସରଳ ସଂପ୍ରଦାମାନେ ଯେମିତି ଠକାମିର ଶିକାର ନହେବେ ତା ସହିତ ତାଙ୍କର ଉଚିତ ପ୍ରାପ୍ୟ ସେମାନେ ପାଇ ପାରିବେ।

ତେଣୁ ଏହି ପୁସ୍ତକ ମାଧ୍ୟମରେ ଆମେ ଚେଷ୍ଟା କରିଛୁ ଜଙ୍ଗଲ ଜାତ ଦ୍ରବ୍ୟଗୁଡ଼ିକ ଉପରେ ସବିଶେଷ ସୂଚନା ଯେମିତି ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ।

ଆମର ଏହି ସଂସ୍କରଣରେ ଆମେ ଚାରମଞ୍ଜିକୁ ପ୍ରାଧାନ୍ୟ ଦେଇଛୁ। ତେଣୁ ଯଦି କିଛି ସୂଚନା ଛାଡ଼ି ହୋଇଥାଏ ତାହେଲେ ଆପଣମାନଙ୍କର ମତାମତ ନିଶ୍ଚିତ ଭାବରେ ଆମର ପ୍ରୟୋଜନୀୟ।

ଧନ୍ୟବାଦ

ପ୍ରଦୀପ କୁମାର ବ୍ରହ୍ମ

ସଂପାଦକ, ସେବକ

# ଚାର ମଞ୍ଜି

ଚିର ସବୁଜିମା ଭରା ଚାର ଗଛର ଉଦ୍ଭିଦ ବିଜ୍ଞାନ ନାମ ବୁଚାନିଆ ଲାଟିଫୋଲିଆ । ଏହା ୧୫ ମିଟର ପର୍ଯ୍ୟନ୍ତ ହୋଇପାରେ ଓ ସାଧାରଣତଃ ପର୍ଣ୍ଣମୋଚି ଜଙ୍ଗଲରେ ଦେଖାଯାଏ । ଏହି ଗଛ ଶାଳ ଓ ମହୁଲ ଗଛ ସହିତ ରହିଥାଏ ।

ଚାର ଗଛ ଆର୍ଦ୍ର ମୃତ୍ତିକାରେ ଭଲ ବଢ଼ିପାରେ, କିନ୍ତୁ ପାଣିଜମା ହୋଇ ରହୁଥିବା ଅଞ୍ଚଳ ଏହା ପାଇଁ ଅନୁକୂଳ ନୁହେଁ । ବନୀକରଣ ପାଇଁ ଏହି ଗଛ ବେଶୀ ଉପଯୁକ୍ତ । କାରଣ ପାହାଡ଼ର ଢାଲୁ ସ୍ଥାନରେ ଏହାକୁ ଲଗାଇଲେ ଖୁବ୍ ଶୀଘ୍ର ଏହା ସେହି ଅଞ୍ଚଳକୁ ଘଞ୍ଚ କରିଦେଇଥାଏ ।

ଚାର ଗଛରେ କୁସୁମି ଲାଖ ଭଲ ହୁଏ କିନ୍ତୁ ଏହା ଚାର ଫସଲ ପାଇଁ କ୍ଷତି କାରକ ହୋଇଥିବା ଯୋଗୁଁ ଏହି ଗଛରେ ଲାଖ ଚାଷ କରାଯାଏ ନାହିଁ । ଚାରମଞ୍ଜି ଭିତରେ ଥିବା ଶସ ସ୍ୱାଦିଷ୍ଟ ଓ ଅଧିକ ମୂଲ୍ୟର ହୋଇଥିବା ଯୋଗୁଁ ଏହାର ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ ।

ଏହି ଗଛର ବିଭିନ୍ନ ଅଂଶର ଭିନ୍ନ ଭିନ୍ନ ବ୍ୟବହାର ରହିଛି । ଚାର ଅଠାର ବ୍ୟବସାୟିକ ଚାହିଦା ରହିଛି । ଚାରର ଖଟା ମିଠା ସ୍ୱାଦ ମିଶା କୋଳିକୁ ଗରିବ ଲୋକଙ୍କ ଅଙ୍ଗୁର ବୋଲି କୁହାଯାଏ । ଏହି କୋଳି ତଥା ତା ଭିତରେ ଥିବା ଶସ ଯୋଗୁଁ ଏହି ଗଛକୁ ସାଧାରଣତଃ କେହି କାଟନ୍ତି ନାହିଁ । ଏ ଗଛର କାଠ ଅପେକ୍ଷା ଏହାର ଫଳର ଆବଶ୍ୟକତା ଓ ଚାହିଦା ଅଧିକ ।

**କିଏ କେମିତି କୁହନ୍ତି :**

ସ୍ଥାନୀୟ ନାମ - ଚାର, ପିୟାଲା, ବ୍ୟବସାୟୀକ ନାମ: ଚାର, ଚିରଞ୍ଜି

**ପ୍ରକାର ଭେଦ :**

ଚାରକୋଳି କଞ୍ଚାଥିବା ସମୟରେ ସାଗୁଆ ରଙ୍ଗ ହୋଇଥାଏ ଓ ଯେତେବେଳେ ପାକଳ ହୋଇଥାଏ ଏହାର ରଙ୍ଗ ସାମାନ୍ୟ ଲାଲ ମିଶା କଳା ହୋଇଥାଏ । ମାତ୍ର କେତେକ ଗଛରେ ଏହା ପାକଳ ହେଲାପରେ ମଧ୍ୟ ସବୁଜ

ରଙ୍ଗ ହିଁ ରହିଥାଏ । ଏହି ଭିନ୍ନତାକୁ ନେଇ ପ୍ରାଥମିକ ସଂଗ୍ରହକାରୀମାନେ ଚାରଗଛକୁ ଦୁଇ ଭାଗରେ ବିଭକ୍ତ କରିଥାନ୍ତି । ମାତ୍ର ଉଭୟ ଗଛ ମଞ୍ଜିର ଶସରେ ସେଭଳି କିଛି ଫରକ ନଥାଏ । ଅନ୍ୟ କେତେକଙ୍କ ମତରେ ପାହାଡ଼ି ଚାର ଗଛରେ ସମତଳ ଭୂମିରେ ଦେଖାଯାଉଥିବା ଚାର ଗଛ ଅପେକ୍ଷା ବଡ଼ ଆକାରର ଫଳ ହୋଇଥାଏ ।

ରାଜ୍ୟର ବିଭିନ୍ନ ଅଞ୍ଚଳର ଚାର ମଞ୍ଜି ଶସର ଗୁଣବତ୍ତାରେ ପାର୍ଥକ୍ୟ ରହିଥିବା ବିଷୟ ବ୍ୟବସାୟୀମାନେ ଉଲ୍ଲେଖ କରିଥାନ୍ତି । ସେହି ଅନୁସାରେ ମୟୁରଭଞ୍ଜ । ବେତନଟୀରୁ ଆସୁଥିବା ଚାର ମଞ୍ଜି ଶସ ସର୍ବୋତ୍ତମ ବୋଲି ସେମାନେ ମତ ଦେବଛନ୍ତି । ମୋଟା ମୋଟି ଭାବରେ ଦେଖିବାକୁ ଗଲେ ଅପରିପକ୍ୱ ଚାର ଫଳକୁ ତୋଳିଦେବା ଦ୍ୱାରା ଏହାର ଶସ ପାଳକ ହୋଇଥାଏ । ବ୍ୟବସାୟୀଙ୍କ ଅନୁସାରେ ଏଥିଯୋଗୁଁ ଓଡ଼ିଶାର ଚାର ମଞ୍ଜି ଶସ ନିକୃଷ୍ଟ ମାନର ହୋଇଥାଏ । ସାମୁହିକ ସମ୍ପଦ ଜଙ୍ଗଲ ଅଞ୍ଚଳରୁ ଚାର ଫଳ ସଂଗ୍ରହ କରୁଥିବା ସଂଗ୍ରହକାରୀମାନେ ଅଧିକ ଫଳ ସଂଗ୍ରହ କରିବା ଆଶାରେ ଏହାକୁ ତୋଳିବାରେ ଶିଘ୍ରତା ଦେଖାଇଥାନ୍ତି । ଏହାକୁ ଶିଘ୍ର ସଂଗ୍ରହ କରିବାର ଅନ୍ୟ ଏକ କାରଣ ହେଲା, ଚାର ଫଳ ସମ୍ପୂର୍ଣ୍ଣ ପାକଳ ହୋଇଗଲେ ଏହା ବୃକ୍ଷରୁ ଝଡ଼ି ପଡ଼ିଥାଏ । ଏହି ଫଳର ଉପର ଆବରଣ ଅତି ପତଳା ଓ ତଳେ ପଡ଼ିଲା ପରେ ଏହା ଫାଟି ନଷ୍ଟ ହୋଇଯାଇଥାଏ । ଛୋଟ ଛୋଟ ଡାଳରେ ପେନ୍ଥା ପେନ୍ଥା ହୋଇ ଫଳୁଥିବା ଏହାର ଫଳରୁ କିଛି ଫଳ ପାଳକ ଏହି କାରଣରୁ ମଧ୍ୟ ପାଳକ ଶସ ପାଇବା ସମ୍ଭବ ହୋଇପାରେ ନାହିଁ ।

ଚାର ମଞ୍ଜିରୁ ଶସକୁ ବାହାର କରିବା ସମୟରେ କିଛି ଶସ ଅକ୍ଷମ ଅବସ୍ଥାରେ ରହିଥାଏ ଓ କିଛି ଭାଙ୍ଗି ଯାଇଥାଏ । ସମାନ ଗୁଣମାନର ହୋଇଥିଲେ ମଧ୍ୟ ଭଙ୍ଗାଶସକ କମ୍ ଦାମରେ ବିକ୍ରି ହୋଇଥାଏ । ଉତ୍ତମ ମାନର ଶସକୁ ବାଛିବା ପାଇଁ ଏହାର ଆକାର, ସତେଜତା ଏବଂ ରଙ୍ଗକୁ ବିଚାରକୁ ନିଆଯାଏ । ପରିଷ୍କାର ତଥା ସତେଜ ଦେଖାଯାଉଥିବା ବଡ଼ ଆକାରର ଧଳା ଶସକୁ ଉତ୍ତମ ମାନର ଶସ ବୋଲି ଧରାଯାଏ । ଶସର ରଙ୍ଗ ନାଲି ପଡ଼ିଗଲେ ଏହାକୁ ନିକୃଷ୍ଟମାନର ଶସ ଭାବରେ ବିଚାର କରାଯିବା ସଙ୍ଗେ ସଙ୍ଗେ ମୂଲ୍ୟ ମଧ୍ୟ କେ.ଜି. ପ୍ରତି ୩୦ରୁ ୪୦ଟଙ୍କା ପର୍ଯ୍ୟନ୍ତ ହ୍ରାସ ପାଇଥାଏ ।

ଶସରେ ସତେଜତା ନଥିଲେ ମଧ୍ୟ ଏହା ମୂଲ୍ୟ ହ୍ରାସର କାରଣ ହୋଇଥାଏ । ଉତ୍ତମ ମାନର ଶସ ଅପେକ୍ଷା ସାଧାରଣ ଶସ ମଧ୍ୟରେ କ୍ୱିଣ୍ଟାଲ ପିଛା ୪୦୦୦ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ପାର୍ଥକ୍ୟ କରିଥାଏ ।

**ସଂଗ୍ରହ :**

ଆମ ରାଜ୍ୟର ଶାଳ ଓ ମହୁଲ ଗଛଥିବା ଜଙ୍ଗଲ ତଥା ମିଶ୍ରିତ ଜଙ୍ଗଲମାନଙ୍କରେ ଚାର ଗଛ ଦେଖିବାକୁ ମିଳିଥାଏ । ଏହି ଗଛ ପ୍ରାୟତଃ ୫ରୁ ୧୦ବର୍ଷର ହୋଇଗଲେ ଫଳ ଦେବା ଆରମ୍ଭ କରିଥାଏ । ପ୍ରତ୍ୟେକ ବର୍ଷର ଜାନୁଆରୀ ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଫୁଲ ଧରିବା ଆରମ୍ଭ ହେଉଥିବା ବେଳେ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ଗଛରେ ଫଳ ପାଚିବା ଆରମ୍ଭ ହୋଇଥାଏ । ଫଳ ପାଚିବା ସମୟରେ ଏହା ଲାଲ୍ ବା ଗାଢ଼ ନାରଙ୍ଗୀ ରଙ୍ଗ ଧାରଣ କରିଥାଏ ।

ସଂଗ୍ରହକାରୀମାନେ ନିଜର ବାଡ଼ି ତଥା ନିଜର ଚାଷ ଜମି ନିକଟରେ ଥିବା ଗଛଗୁଡ଼ିକରୁ ତଥା ଜଙ୍ଗଲରୁ ଚାରମଞ୍ଜି ସଂଗ୍ରହ କରିବା ପାଇଁ ଯାଇଥାନ୍ତି । ସଂଗ୍ରହ କାର୍ଯ୍ୟ ଖରାଦିନ ଶେଷ ଆଡ଼କୁ ହେଉଥିବାରୁ ସେମାନେ ଆଖ ପାଖରେ ଥିବା ଚାର ଗଛର ମୂଳକୁ ସଫା କରିଥାନ୍ତି । ଯାହାଫଳରେ ମଞ୍ଜି ଝଡ଼ିବା ପରେ ଗୋଟାଇବା ସହଜ ହୋଇଥାଏ । ସଂଗ୍ରହକାରୀମାନେ ମଞ୍ଜି ସଂଗ୍ରହ କରିବା ପାଇଁ ସାଥିରେ ବାଉଁଶ ଆଙ୍କୁଡ଼ି, ଡାଲା ବା ଅଖା ସାଙ୍ଗରେ ନେଇଯାଇଥାନ୍ତି । ସଂଗ୍ରହବେଳେ ଆଙ୍କୁଡ଼ାରେ ଗଛର ଡାଳକୁ ହଲାଇବା ଦ୍ୱାରା ପାଚିଥିବା ମଞ୍ଜିଗୁଡ଼ିକ ଝଡ଼ି ପଡ଼ିଥାଏ । ଅନେକ ଗଛରେ ଚଢି ଡାଳ ହଲାଇ ହଲାଇ ମଞ୍ଜି ସଂଗ୍ରହ କରିଥାନ୍ତି । ତେବେ ଅନେକ ସଂଗ୍ରହକାରୀ ଗଛରେ ଫଳ ପାଚିବାକୁ ଅପେକ୍ଷା ନକରି ଏକା ସାଙ୍ଗରେ ସମସ୍ତ ଫଳକୁ ତୋଳି ଦେଇଥାନ୍ତି । ତନ୍ମଧ୍ୟରୁ କେବଳ ପାକଳ ହୋଇଥିବା ଫଳଗୁଡ଼ିକରୁ ବୀଜ ବା ଶସ ବାହାରୁଥିବାବେଳେ ଅନ୍ୟ ପାଚିନଥିବା ଫଳଗୁଡ଼ିକରୁ ଶସ ବାହାରି ନଥାଏ । ଗୋଟିଏ ବୟସ୍କ ଗଛରୁ ଗୋଟିଏ ବର୍ଷରେ ପ୍ରାୟ ୫୦ କିଲୋଗ୍ରାମରୁ ଅଧିକ ଫଳ ମିଳିଥାଏ ଏବଂ ୫୦ କିଲୋଗ୍ରାମ ଫଳ ଶୁଖିଗଲେ ୨୦ରୁ ୨୫ କିଲୋଗ୍ରାମ ମଞ୍ଜି ମିଳେ ଏବଂ ଶସ ପ୍ରାୟ ୧୫ କିଲୋଗ୍ରାମ ମିଳିଥାଏ ।

**ପ୍ରକ୍ରିୟାକରଣ :**

ସଂଗ୍ରହ କାର୍ଯ୍ୟ ସରିବା ପରେ ଆସେ ପ୍ରକ୍ରିୟାକରଣ । ତେଣୁ ସଂଗ୍ରହ ସରିବା ପରେ ୨ରୁ ୩ଦିନ ପର୍ଯ୍ୟନ୍ତ ଖରାରେ ଚାର ମଞ୍ଜିକୁ ଶୁଖାଇବାକୁ ପଡ଼ିଥାଏ ଏବଂ ପରେ ତହିଁରୁ ମଞ୍ଜିକୁ ବାହାର କରାଯାଇଥାଏ । ମଞ୍ଜି ବାହାର କରିବା ଲାଗି ସଂଗ୍ରହକାରୀମାନେ ବାଡ଼ି ଇଟା ଆଦିର ବ୍ୟବହାର କରିଥାନ୍ତି । ସେମାନେ ବାଡ଼ି ବା ଇଟାରେ ମଞ୍ଜିକୁ ପିଟିବା ପରେ ସେଥିରୁ ଶସ ବାହାରିଥାଏ । ତେବେ ଅନେକ କ୍ଷେତ୍ରରେ ବାଡ଼ି ବା ଇଟାରେ ପିଟିବା ଦ୍ୱାରା ଶସ ଭାଙ୍ଗିଯାଇଥାଏ । ତେଣୁ ଏଥିପ୍ରତି ଲକ୍ଷ୍ୟ ଦେବା ଜରୁରୀ ହୋଇଥାଏ ।

ଉପରୋକ୍ତ ବ୍ୟବସ୍ଥାରେ ଖୋଳପା ଛଡ଼ାଗଲା ପରେ ଦାନା ବା ଶସ ଧଳା ରଙ୍ଗର ଦେଖାଯାଏ । ତେବେ ଶିଳରେ ପେଶିବା ଦ୍ୱାରା ଅନେକ ପରିମାଣର ଶସ ନଷ୍ଟ ହୋଇଯାଏ । ତେଣୁ ଯଥା ସମ୍ଭବ ଶସ ନଭାଙ୍ଗିବା ଲାଗି ପ୍ରଚେଷ୍ଟା କରିବା ଆବଶ୍ୟକ । ଉକ୍ତ ଶସ ଉପରେ ଏକ ଆବରଣ ଥାଏ ଯାହାକୁ ଓଦା କରି ବତୁରାଇ କିମ୍ବା ପାଣିରେ ଘସିକରି ଧୁଆଯାଇଥାଏ । ଏହାଦ୍ୱାରା ଶସ ଉପରେ ଥିବା ପତଳା ଚୋପା ଛାଡ଼ିଯାଇଥାଏ । ମଞ୍ଜିରୁ ଶସ ଛଡ଼ାଇଲା ପରେ ତାହାକୁ ୨ ରୁ ୩ଦିନ ଖରାରେ ଶୁଖାଇବା ଉଚିତ୍ । ଏହାଦ୍ୱାରା ଶସ ଗୁଡ଼ିକ ଭଲଭାବେ ଶୁଖିଯାଏ ଏବଂ ବିକ୍ରିଲାଗି ପ୍ରସ୍ତୁତ ହୋଇଥାଏ । ସଂଗ୍ରହ ଓ ପ୍ରକ୍ରିୟାକରଣ ଲାଗି ମୋଟ ୬ରୁ ୭ଦିନ ସମୟ ଲାଗିଥାଏ ।

**ସଂରକ୍ଷଣ :**

ପ୍ରକ୍ରିୟାକରଣ ପରେ ଚାର ବୀଜ ବା ମଞ୍ଜିକୁ ସର୍ବଦା ଶୁଖିଲା ବସ୍ତା କିମ୍ବା ଝୁଡ଼ିରେ ସଂଗ୍ରହ କରନ୍ତୁ । ମାଟିଠାରୁ ଉଚ୍ଚ ସ୍ଥାନରେ ରଖିବା ଲାଗି ବ୍ୟବସ୍ଥା କରିବା ଆବଶ୍ୟକ । ତେବେ ଏଥିଲାଗି ବାଉଁଶ ଭାଡ଼ିର ବ୍ୟବହାର କରାଯାଇପାରେ । କୀଟ, ଉଇ, ଅସରପା ଭଳି କ୍ଷତିକାରକ କୀଟ ମାନଙ୍କଠାରୁ ବୀଜକୁ ରକ୍ଷା କରିବା ଲାଗି ନିମ୍ବପତ୍ର କିମ୍ବା କିଛି କୀଟନାଶକ ଔଷଧ ସିଞ୍ଚନ କରିବା ଉଚିତ୍ । ଏହା ଫଳରେ କୀଟ ଶସକୁ ଆକ୍ରମଣ କରିବେ ନାହିଁ ଏବଂ ଶସ ଅଧିକ ଦିନ ଧରି ସଂରକ୍ଷିତ ହୋଇପାରିବ । ତେଣୁ ଏହି ସମୟରେ ଶସ ସଂରକ୍ଷଣ

## ଆଇନ୍ କାନୁନ୍

ବହୁପୂର୍ବରୁ ଆଦିବାସୀ ତଥା ପ୍ରାଥମିକ ସଂଗ୍ରହକାରୀମାନେ ଚାର ମଞ୍ଜିର ସଂଗ୍ରହ କରି ଆସୁଥିଲେ, ତେବେ ବନ ବିଭାଗର କଡ଼ା ନିୟନ୍ତ୍ରଣ ଏହା ଉପରେ ଥିଲା । ଫଳରେ ସଂଗ୍ରହକାରୀମାନେ ନାନା ପ୍ରକାରର ଅସୁବିଧାରେ ରହୁଥିଲେ । ୨୦୦୦ ମସିହା ମାର୍ଚ୍ଚ ୩୦ ତାରିଖରେ ନୂତନ ଅଣକାଷ୍ଠ ବନଜାତ ଦ୍ରବ୍ୟ ଆଇନ୍ ଲାଗୁ କରାଯିବା ପରେ ରାଜ୍ୟ ସରକାର ମୋଟ ୬୦ଟି ବନଜାତ ଦ୍ରବ୍ୟର ମାଲିକାନା ଅଧିକାର ଗ୍ରାମପଞ୍ଚାୟତକୁ ପ୍ରଦାନ କରିଥିଲେ; କିନ୍ତୁ ଏହା ମଧ୍ୟରେ ଚାର ମଞ୍ଜି ଭଳି କେତେକ ତୈଳ ଜାତୀୟ ମଞ୍ଜିକୁ ସାମିଲ କରାଯାଇନଥିଲା । ଏହି କାରଣ ଲାଗି ସରକାର ସମାଲୋଚିତ ହୋଇଥିଲେ । ତେବେ ଏହା ପରେ ପୁଣିଥରେ ଅଗଷ୍ଟ ମାସରେ ଚାର ମଞ୍ଜି ସମେତ ୮ଟି ତୈଳ ଜାତୀୟ ମଞ୍ଜିକୁ ଉକ୍ତ ନୀତିରେ ଅନ୍ତର୍ଭୁକ୍ତ କରିଥିଲେ । ଏହା କେବଳ ଅନୁସୂଚୀତ ଅଞ୍ଚଳ ବାହାରେ ଥିବା ପଞ୍ଚାୟତକୁ ମଧ୍ୟ ନିଜ ଅଞ୍ଚଳରେ ବ୍ୟବସାୟ ପରିଚାଳନା କରିବା ପାଇଁ ଅନୁମତି ମିଳିଥିଲା । ସେବେଠାରୁ ଆଜି ପର୍ଯ୍ୟନ୍ତ ଚାର ମଞ୍ଜିର ବ୍ୟବସାୟ ପୂର୍ବାପେକ୍ଷା ସୁରୁଖୁରୁରେ ଚାଲି ଆସିଛି ।

କଲେ ଆର୍ଦ୍ରତା କାରଣରୁ ଫିମ୍ପି ଲାଗିବାର ସମ୍ଭାବନା ଥାଏ । ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ସଂରକ୍ଷଣ ବେଳେ କେବେ ମଧ୍ୟ ବୀଜକୁ ମାଟିପାତ୍ରରେ ରଖିବା ଉଚିତ୍ ନୁହେଁ; କାରଣ ବାୟୁ ତଥା ମାଟି ସଂସ୍ପର୍ଶରେ ଆସିବା ଦ୍ୱାରା ଏହାର ରଙ୍ଗ କଳା ପଡ଼ିଯାଇଥାଏ । ତେଣୁ ସବୁଠାରୁ ସଠିକ୍ ଉପାୟ ହେଉଛି ପଲିଥିନ୍ ବ୍ୟାଗ୍‌ରେ ସଂରକ୍ଷଣ କରିବା । କାରଣ ପଲିଥିନ୍ ବ୍ୟାଗ୍‌ରେ ସଂରକ୍ଷଣ କରିବା ଦ୍ୱାରା ବୀଜ ରଙ୍ଗର ପ୍ରକାର ସ୍ଥିର ରହିବା ସହ କ୍ୱାଲିଟ୍ ମଧ୍ୟ ଭଲ ରହିଥାଏ । ଫଳରେ ଏହାକୁ ଅଧିକ ଟଙ୍କାରେ ବିକ୍ରି କରାଯାଇପାରିଥାଏ ।

### ଗୁଣାତ୍ମକ ମାନ :

ପ୍ରତ୍ୟେକ ଦ୍ରବ୍ୟର ଗୁଣାତ୍ମକ ମାନ ରହିଥାଏ ଏବଂ ଗୁଣାତ୍ମକ ମାନ ଅନୁଯାୟୀ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ସ୍ଥିର କରାଯାଏ । ସେହି ଅନୁସାରେ ବଜାରରେ ଅଣକାଷ୍ଠ ବନଜାତ ଦ୍ରବ୍ୟଗୁଡ଼ିକର ମୂଲ୍ୟ ତାହାର ଗୁଣାତ୍ମକ ମୂଲ୍ୟ ଅନୁଯାୟୀ

ଲାଗୁ ହେଉଥିଲା । ୨୦୦୦ ମସିହା ଏପ୍ରିଲ୍ ୧ରେ ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ଓ ବ୍ୟବସାୟ ନୀତି କାର୍ଯ୍ୟକାରୀ ହେବାପରେ ଏହାର ବ୍ୟାବସାୟିକ ନିୟନ୍ତ୍ରଣ ଅଧିକାର ପଞ୍ଚାୟତଗୁଡ଼ିକୁ ହସ୍ତାନ୍ତରିତ ହୋଇଥିଲା କିନ୍ତୁ ଚାର ମଞ୍ଜି ତଥାପି ଜଙ୍ଗଲ ବିଭାଗ ଅଧୀନରେ ଥିଲା । ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇଲା ପରେ ସରକାର ଅଗଷ୍ଟ ୨୦୦୦ରେ ଚାରମଞ୍ଜି ଶସର ବ୍ୟାବସାୟିକ ସଂଗ୍ରହ ପାଇଁ ଲାଇସେନ୍ସ ଦେବାର ଅଧିକାର ମଧ୍ୟ ପଞ୍ଚାୟତକୁ ପ୍ରଦାନ କଲେ । ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ତଥା ସଂରକ୍ଷିତ ଜଙ୍ଗଲାଞ୍ଚଳକୁ ବାଦ ଦେଇ ଅନ୍ୟ ଅଞ୍ଚଳ ପାଇଁ ପଞ୍ଚାୟତ ଏହାର ବ୍ୟବସାୟ ନିୟନ୍ତ୍ରଣ ଅଧିକାର ପାଇଲା । ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଗ୍ରାମ ପଞ୍ଚାୟତକୁ ମିଳିଥିବା ଏହି ଅଧିକାର କ୍ଷମତା ବିକେନ୍ଦ୍ରୀକରଣର ଏକ ନମୁନା ଥିଲା । ଏଥି ସହିତ ଚାରମଞ୍ଜି ସମେତ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପାଇଁ ପ୍ରାଥମିକ ସଂଗ୍ରହକାରୀଙ୍କୁ ଅନୁମତି ମିଳିଥିଲା । ଏକଚାଟିଆ ଲିଜ୍ ପ୍ରଦାନ ସମୟରେ ଏହି ଅଧିକାର ସଂଗ୍ରହକାରୀଙ୍କୁ ଦିଆଯାଉନଥିଲା । ସେହି ସମୟରେ କେବଳ ପଟ୍ଟାଦାର ବ୍ୟବସାୟୀମାନେ ଏହି ଅନୁମତି ପାଉଥିଲେ ।

**ବ୍ୟବସାୟ :**

ଚାରଦାନା ଓ ମଞ୍ଜି ଉଭୟର ବ୍ୟବସାୟ କରାଯାଉଥିଲେ ମଧ୍ୟ ଏହା ସେତେ ବ୍ୟାପକ ହୋଇନାହିଁ । କାରଣ ବ୍ୟବସାୟୀମାନେ ଯେଉଁ ପରିମାଣର ଚାରମଞ୍ଜି ବା ଚାର ଶସ ଖୋଜନ୍ତି ତାହା କିଛି ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ମିଳିନଥାଏ । ତାହାଛଡ଼ା ଚାର ମଞ୍ଜିକୁ ବଜାରରେ ଖୁଚୁରାଭାବେ ସଂଗ୍ରହକାରୀମାନେ ବିକ୍ରି କରିଦେଉଥିବାରୁ ଅଧିକ ପରିମାଣର ମଞ୍ଜି ବା ବୀଜ ବଜାରକୁ ଆସିପାରିନଥାଏ । ତେଣୁ ବର୍ତ୍ତମାନ ଏହି ବ୍ୟବସାୟକୁ ବ୍ୟାପକ କରିବାର ସମୟ ଆସିଛି ।

**ବଜାର ଦର :**

ଚାର ମଞ୍ଜି ସଂଗ୍ରହର ମୁଖ୍ୟ ଉଦ୍ଦେଶ୍ୟ ବ୍ୟବସାୟ କରିବା । ବଜାର ଦର କଥା ସାମନାକୁ ଆଣିଲେ ପ୍ରକ୍ରିୟାକରଣ କରାଯାଇନଥିବା ଅର୍ଥାତ୍ ବୀଜ ବାହାର କରାଯାଇନଥିବା ମଞ୍ଜିର ଦାମ କମ ରହୁଥିବା ବେଳେ କେବଳ ବୀଜଗୁଡ଼ିକର ଦାମ ବହୁତ ଅଧିକ ହୋଇଥାଏ ।

ତେବେ ବର୍ତ୍ତମାନର ବଜାରରେ କ୍ରମେ ଚାର ଶସର ବ୍ୟବହାର ତଥା ବିକ୍ରୀ ଅଧିକ ହେବାରେ ଲାଗିଥିବାରୁ ଚାର ମଞ୍ଜି ତଥା ବୀଜର ମୂଲ୍ୟ ବୃଦ୍ଧି ହେବାର ଆଶା କରାଯାଉଛି । ତେଣୁ ସଂଗ୍ରହକାରୀ ମଧ୍ୟ ଏଥିରୁ ଭଲ ଦୁଇପଇସା ପାଇପାରିବାର ସମ୍ଭାବନା ରହୁଛି ।

**ଭଲ ମଞ୍ଜି ବାଛିବା ଲାଗି ବ୍ୟବସାୟିକ କୌଶଳ :**

ଚାର ମଞ୍ଜିର ମୂଲ୍ୟ ତାହାର ଦାନା ବା ଶସ ଉପରେ ନିର୍ଭର କରେ । ତେଣୁ ବ୍ୟବସାୟୀମାନେ ଭଲ ଚାରମଞ୍ଜିକୁ ପରଖିବା ତଥା ତାହାର ମୂଲ୍ୟ ସ୍ଥିର କରିବା ଲାଗି ନିମ୍ନ ପ୍ରକାରର କୌଶଳ ଅବଲମ୍ବନ କରିଥାନ୍ତି । ସେମାନେ ସଂଗ୍ରହକାରୀ ଆଣିଥିବା ବସ୍ତା ବା ଝୁଡ଼ିରୁ ୧୦୦ଟି ମଞ୍ଜି ଆଣି ପାଣିରେ ପକାନ୍ତି । ଦେଖାଯାଇଛି ଯେ ପାଣିରେ ବୁଡ଼ିଯାଉଥିବା ମଞ୍ଜିଗୁଡ଼ିକ ମଧ୍ୟରୁ ସବୁତକ ମଞ୍ଜି ନିଦା ନଥାଏ । ତନ୍ମଧ୍ୟରୁ କେତେକ ମଞ୍ଜି ସମ୍ପୂର୍ଣ୍ଣ ଫମ୍ପା ନଥିଲେ ମଧ୍ୟ କିଛି ପରିମାଣରେ ଫମ୍ପା ଥାଏ । ପାଣିରେ ବୁଡ଼ିଯାଇଥିବା ମଞ୍ଜିଗୁଡ଼ିକର ସଂଖ୍ୟାକୁ ବିଚାରକରି ସମ୍ପୂର୍ଣ୍ଣ ମଞ୍ଜି ବସ୍ତାର ମୂଲ୍ୟ ନିର୍ଦ୍ଧାରଣ କରାଯାଏ । ଏହା ସହିତ ବଡ଼ ମଞ୍ଜିକୁ ମଧ୍ୟ ଅଗ୍ରାଧିକାର ପ୍ରଦାନ କରାଯାଇ ଅଧିକ ମୂଲ୍ୟ ଧାର୍ଯ୍ୟ କରାଯାଇଥାଏ । ମଞ୍ଜିର ଆକାର ସର୍ବଦା ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ବସ୍ତା ଭର୍ତ୍ତି ମଞ୍ଜି ମଧ୍ୟରୁ ବଡ଼ ଓ ସାନ ମଞ୍ଜିକୁ ବାଛିବା କଷ୍ଟକର ହୋଇଥାଏ । ବିଶେଷତଃ ଶସ ନଥିବା ମଞ୍ଜିଗୁଡ଼ିକରୁ ମିଳୁଥିବା ଶସର ମାନ ନିଦା ଶସ ଥିବା ମଞ୍ଜିଠାରୁ ସାମାନ୍ୟ ନିମ୍ନ ଧରଣର ଅଟେ । ତେବେ ଚାରମଞ୍ଜିର ଅନ୍ୟତମ ଗୁଣାତ୍ମକ ଦିଗ ହେଉଛି ଏହାର ରଙ୍ଗ । କାରଣ ବ୍ୟବସାୟୀମାନେ ଏହାର ରଙ୍ଗକୁ ଅଧିକାଂଶ ଗୁରୁତ୍ୱ ପ୍ରଦାନ କରନ୍ତି । ତେବେ ପ୍ରକୃତ କ୍ଷେତ୍ରରେ ଦେଖିବାକୁ ଗଲେ ବ୍ୟବସାୟରେ ଚାର ମଞ୍ଜିର ଗୁଣାତ୍ମକ ପରିମାଣ ଯେତେ ଅଧିକ ଥିଲେ ମଧ୍ୟ କେବେହେଲେ ସ୍ଥିର କରାଯାଇଥିବା ମୂଲ୍ୟର ୯୦ ପ୍ରତିଶତରୁ ଅଧିକ ପରିମାଣର ମୂଲ୍ୟ ମିଳିନଥାଏ ।

**ବ୍ୟବହାର :**

ଆଦିବାସୀ ଅଞ୍ଚଳର ଛୋଟ ପିଲାଙ୍କ ପ୍ରିୟ ହେଉଛି ଚାର କୋଳି । ଜଙ୍ଗଲରୁ ସଂଗ୍ରହକରି ସ୍ଥାନୀୟ ବଜାରରେ ପତ୍ର ଠୁଙ୍ଗାରେ ସଂଗ୍ରହକାରୀମାନେ

ଏହି କୋଳିକୁ ବିକ୍ରି କରିଥାନ୍ତି । ପାକିଳ ସସ ନବାହାରିଲେ ମଞ୍ଜିର ମୂଲ୍ୟ ରହେନାହିଁ । ଗୋଟା ହରଡ଼ ଆକାରର ଏହି ଶସ (ଯାହାକୁ ଚିରଞ୍ଜି ଦାନା ବା ଚାରଦାନା ବୋଲି କୁହାଯାଏ) ଅତ୍ୟନ୍ତ ସ୍ୱାଦିଷ୍ଟ, ତେଣୁ କାଜୁ ବାଦାମ, ପେସ୍ତା ବାଦାମର ବିକଳ୍ପ ଭାବରେ ଏହାକୁ ବ୍ୟବହାର କରାଯାଏ । ଏହାକୁ ସିଧାସଳଖ ଖିଆଯାଇ ପାରେ । ମିଠା ଦ୍ରବ୍ୟରେ ଏହାର ବ୍ୟବହାର ଅଧିକ ପରିମାଣରେ ହୋଇଥାଏ । କେତେକ ଅଞ୍ଚଳରେ ପାନ ମସଲା ଭାବରେ ଏହାକୁ ବ୍ୟବହାର କରାଯାଏ । ଗ୍ରାମାଞ୍ଚଳରେ ଗୁଡ଼ ପାଗ କରି ଏହାର ଛୋଟ ଛୋଟ ଲଡୁ ପ୍ରସ୍ତୁତ କରାଯାଏ । ଫଳ ସଲାଡ଼ର ସ୍ୱାଦକୁ ବଢାଇବାରେ ଏହାକୁ ବ୍ୟବହାର କରାଯାଏ । ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ହୋଇଥିବା ଯୋଗୁଁ ଆମ ଦେଶରେ ଏହାର ଔଷଧୀୟ ବ୍ୟବହାର ମଧ୍ୟ କରାଯାଇଥାଏ ।

ଓଡ଼ିଶାର ପ୍ରାଥମିକ ସଂଗ୍ରହକାରୀମାନେ ଚାର ମଞ୍ଜିରୁ ଶସକୁ ବାହାର କରିବା ପର୍ଯ୍ୟନ୍ତ ପ୍ରକ୍ରିୟାକରଣ କରିଥାନ୍ତି । ମାତ୍ର ଏହି ଶସର ବିଭିନ୍ନ ପ୍ରକାରର ପ୍ରକ୍ରିୟା କରଣ କରାଯାଇ ପାରେ । ମଧ୍ୟପ୍ରଦେଶ ଓ ଛତିଶଗଡ଼ ଅଞ୍ଚଳରେ ଶସକୁ ମେସିନ ସାହାଯ୍ୟରେ ପ୍ରକ୍ରିୟାକରଣ କରି ଏହାର ଉପରେ ଥିବା ପତଳା ବାଦାମି ରଙ୍ଗର ଚୋପାକୁ ମଧ୍ୟ ବାହାର କରିଦିଆଯାଏ ଓ ଧଳା ରଙ୍ଗର ଶସକୁ ବିଭିନ୍ନ ପ୍ରକାର ମିଠା ଓ ବରଫିକୁ ଅଧିକ ସୁନ୍ଦର ଓ ମନୋଲୋଭା କରିବା ପାଇଁ ଉପର ଅଂଶରେ ଏହାକୁ ସଜାଇଥାନ୍ତି । ଆହୁରି ମଧ୍ୟ ସସରୁ ତେଲ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଏହାର ଶସରୁ ପ୍ରାୟ ୪୦ ପ୍ରତିଶତ ତେଲ ବାହାରିଥାଏ । ଏହା ଅଲିଭ ଓ ବାଦାମ ତେଲ ସହିତ ତୁଳନୀୟ ଏବଂ ମୂଲ୍ୟବାନ ମଧ୍ୟ । ଏହି ତେଲ ଲଗାଇଲେ ଚନ୍ଦାପଣ ଦୂର ହୁଏ ବୋଲି କୁହାଯାଏ ।

**ସମସ୍ୟା :**

ଚାର ମଞ୍ଜି ତଥା ଶସର ଦାମ ବହୁତ ରହୁଥିଲେ ମଧ୍ୟ ସଂଗ୍ରହକାରୀମାନେ ବିକ୍ରି କରିପାରିଲା ଭଳି ପରିମାଣର ମଞ୍ଜି ସଂଗ୍ରହ କରିନପାରିଲେ ତାହାକୁ ବିକ୍ରି କରିବା ଲାଗି ଇଚ୍ଛା ପ୍ରକାଶ କରିନଥାନ୍ତି ଏବଂ ନିଜ ଘରେ ତାହାକୁ ବ୍ୟବହାର କରିଥାନ୍ତି । ଏହାଛଡ଼ା ଆଉ ଏକ ବିଷୟ ଅଛି ଯାହା ଅନ୍ୟତମ ମୁଖ୍ୟ ସମସ୍ୟା

ଭାବେ ଭଭା ହୋଇଛି । ସମସ୍ୟାଟି ହେଲା ଓଡ଼ିଶାରେ ଚାରମଞ୍ଜି ସଂଗ୍ରହ କରାଯାଉଥିବା ତଥା ବିକ୍ରି କରାଯାଉଥିବା ଜିଲ୍ଲା ମାନଙ୍କର ପ୍ରାଥମିକ ସଂଗ୍ରହକାରୀମାନେ ମଞ୍ଜିର ପ୍ରକ୍ରିୟାକରଣ ବା ମୂଲ୍ୟଯୋଗ କରନ୍ତି ନାହିଁ । ସେମାନେ ମଞ୍ଜିରୁ ବୀଜ ଛଡ଼ାଇନଥାନ୍ତି । ମଞ୍ଜିର ବର୍ଗୀକରଣ ମଧ୍ୟ କରୁନଥିବାରୁ ଭଲ ଓ ଖରାପ ମଞ୍ଜିକୁ ଏକତ୍ର କରି ବିକ୍ରି କରିଦେଇଥାନ୍ତି । ତେଣୁ ଅଧିକ ଦୁଇପଇସା ପାଇନଥାନ୍ତି ।

ଆଦିବାସୀମାନେ ଚାରମଞ୍ଜି ସଂଗ୍ରହକରିବା ଲାଗି ଉଭୟ ପରିପକ୍ୱ ଓ ଅପରିପକ୍ୱ ଫଳଗୁଡ଼ିକୁ ସଂଗ୍ରହ କରିଦେଇଥାନ୍ତି । ଫଳରେ ପରିପକ୍ୱ ଫଳଗୁଡ଼ିକୁ ବିକ୍ରିଲାଗି ଉପଯୁକ୍ତ ହେଉଥିବା ବେଳେ ଅପରିପକ୍ୱ ଫଳଗୁଡ଼ିକ ଉପଯୁକ୍ତ ହେଉନଥାନ୍ତି । ତେଣୁ ଏହା ବ୍ୟବସାୟ ଉପରେ କୁପ୍ରଭାବ ପକାଉଥିବାର ଲକ୍ଷ୍ୟ କରାଯାଇଛି ।

ତେବେ ମଞ୍ଜି ପ୍ରକ୍ରିୟାକରଣ ନକରି ବିକ୍ରି କରିବା ମଧ୍ୟରେ ଏକ କାରଣ ରହିଛି । ଚାର ବୀଜ ଅପେକ୍ଷା ମଞ୍ଜି ଅଧିକ ପରିମାଣରେ ବିକ୍ରିହୁଏ । ଯଦିଓ ଚାର ମଞ୍ଜିଠାରୁ ଚାର ଶସ ଖୁବ୍ ଅଧିକ ପରିମାଣ ଅର୍ଥ ଯୋଗାଇଥାଏ; ତଥାପି ମଧ୍ୟ ସଂଗ୍ରହକାରୀମାନେ ପ୍ରକ୍ରିୟାକରଣ କରି ବିକ୍ରି କରିବାକୁ ଇଚ୍ଛା ପ୍ରକାଶ କରିନଥାନ୍ତି । ସେମାନେ ମଧ୍ୟ ସମ୍ପୂର୍ଣ୍ଣ ଆକାରରେ ଚାର ମଞ୍ଜି ଓ ଚାର ଶସ ବିଷୟ ତଥା ବଜାର ଦର ବିଷୟରେ ଅଜ୍ଞ ଥାନ୍ତି । ତେଣୁ ଶସ ବାହାରନକରି ସିଧାସଳଖ ମଞ୍ଜି ବିକ୍ରି କରିଦେବା ଲାଗି ଇଚ୍ଛା ପ୍ରକାଶ କରିଥାନ୍ତି । ସେମାନେ ଚାର ମଞ୍ଜିରୁ ଶସ ବା ଦାନା ବାହାର କରିବା ପାଇଁ ଲାଗୁଥିବା ସମୟ, ପରିଶ୍ରମକୁ ଗୁରୁତ୍ୱ ଦେଇନଥାନ୍ତି ବରଂ ଏହି ସମୟକୁ ଅନ୍ୟାନ୍ୟ ଘରୋଇ ତଥା ଚାଷ କାମରେ ଲଗାଇଥାନ୍ତି ।

## ଜଙ୍ଗଲ ଉପରେ ନିର୍ଭରଶୀଳ ଗରିବ ଲୋକଙ୍କ ଜୀବିକାରେ ଚାରର ଗୁରୁତ୍ୱ

ଗ୍ରାମାଞ୍ଚଳର ଅବହେଳିତ ତଥା ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଅଧିବାସୀଙ୍କ ଜୀବିକାରେ ଚାର ମଞ୍ଜିରୁ ହେଉଥିବା ଆୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥାଏ । ଏହାକୁ ସଂଗ୍ରହ କରି ମଞ୍ଜି ଅପେକ୍ଷା ପ୍ରକ୍ରିୟାକରଣ ପରେ ପ୍ରାଥମିକ ସଂଗ୍ରହକାରୀ ଅଧିକ କିଛି ଆୟ କରିପାରିଥାଏ ।

## ମହିଳାମାନଙ୍କ ଭୂମିକା

ଚାର ମଞ୍ଜିର ସଂଗ୍ରହ ସାଧାରଣତଃ ମହିଳା ଓ ଛୋଟ ପିଲାମାନଙ୍କ ଦ୍ୱାରା ହୋଇଥାଏ । ଯଦିଓ କେତେକ ସ୍ଥଳେ ପୁରୁଷମାନେ ଚାର ସଂଗ୍ରହ ନିମନ୍ତେ ମହିଳାମାନଙ୍କୁ ସହଯୋଗ କରିଥାନ୍ତି । ପୁରୁଷମାନେ ସାଧାରଣତଃ ଚାର ଗଛର ଛୋଟ ଛୋଟ ଡାଳ (ଯେଉଁଥିରେ ଫଳ ଫଳିଥାଏ)କୁ ଭାଙ୍ଗି ଏହାକୁ ସଂଗ୍ରହ କରିବା ସହଜ ମନେ କରନ୍ତି । ଘରକୁ ଆଣିବା ପରେ ଏହାକୁ ପରିଷ୍କାର କରିବା ଠାରୁ ଶୁଖାଇବା ଓ ପ୍ରକ୍ରିୟାକରଣ ମଧ୍ୟରେ ମଞ୍ଜି ମଧ୍ୟରୁ ଶସକୁ ବାହାର କରିବା ଇତ୍ୟାଦି କାର୍ଯ୍ୟ ମହିଳାମାନଙ୍କ ଦ୍ୱାରା ହିଁ ହୋଇଥାଏ । ସମୟ-ସାପେକ୍ଷ ଏହି ସୂକ୍ଷ୍ମ କାର୍ଯ୍ୟ ମହିଳାମାନଙ୍କ ବ୍ୟତୀତ ଅନ୍ୟମାନେ କରିବା କ୍ୱଚିତ ସମ୍ଭବ ହୋଇଥାଏ । ଚାର ଶସ ବଜାରରେ କେ.ଜି. ପ୍ରତି ୧୮୦ରୁ ୨୧୦ ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି ହୋଇପାରୁଥିଲେ ମଧ୍ୟ ପ୍ରାଥମିକ ସଂଗ୍ରହକାରୀ ମହିଳାମାନେ ସେମାନଙ୍କ ପରିଶ୍ରମ ଅନୁସାରେ ଉଚିତ୍ ମୂଲ୍ୟ ପାଇପାରୁନାହାନ୍ତି । ଜଙ୍ଗଲଜାତ ଦ୍ରବ୍ୟ କ୍ଷେତ୍ରରେ ମହିଳାମାନେ ସବୁ ସମୟରେ ସେମାନଙ୍କର ପାରିଶ୍ରମିକକୁ ବାଦ୍ ଦେଇ ପ୍ରକ୍ରିୟାକୃତ ଦ୍ରବ୍ୟକୁ ବ୍ୟବସାୟୀକୁ ବିକ୍ରି କରିବା ପାଇଁ ବାଧ ହୋଇ ଆସିଛନ୍ତି । କିନ୍ତୁ ଯଦି ସେମାନେ ନିଜ ପରିଶ୍ରମର ମୂଲ୍ୟ ମଧ୍ୟ ପାଇପାରନ୍ତେ, ତେବେ ସମଗ୍ର ପରିବାର ଉପକୃତ ହୁଅନ୍ତା ।

❖❖❖

‘ସେବକ’ର କାର୍ଯ୍ୟକ୍ରମ ସମ୍ପର୍କରେ ଅଧିକ
ଜାଣିବା ପାଇଁ ଲଗ୍‌ଅନ୍ କରନ୍ତୁ
**www.sewak.org**

# ସେବକ

ରଙ୍ଗିଆମୁଣ୍ଡା, ପୋ : ଟାଙ୍ଗରପାଲି
ଜିଲ୍ଲା - ସୁନ୍ଦରଗଡ଼-୭୭୦୦୧୧ (ଓଡ଼ିଶା)
ଦୂରଭାଷ: (୦୬୬୨୨)୨୩୭୧୪୬, ଫ୍ୟାକ୍ସ : (୦୬୬୨୨)୨୩୭୧୨୪
Email:sewaksundargarh@rediffmail.com